# SAMPLE QUESTION FOR AHSC EXAM - 2020
## GENERAL SCIENCE (GSC)
### OBJECTIVE PART-I        Full Mark-50

### PHYSICAL SCIENCE

୧. ନିମ୍ନୋକ୍ତ ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦରେ ଲେଖ : ୧ X ୫ = ୫

(କ) ସମୀପ ଦୃଷ୍ଟିର ପ୍ରତିକାର ପାଇଁ କେଉଁ ପ୍ରକାରର ଲେନ୍ସ୍‌ଯୁକ୍ତ ଚଷମା ବ୍ୟବହାର କରାଯାଏ ?

ଉତ୍ତର :..........................................................................................

..........................................................................................

(ଖ) କେତୋଟି ଇଲେକ୍ଟ୍ରନର ଚାର୍ଜ ପରିମାଣ 1C ସହ ସମାନ ?

ଉତ୍ତର :..........................................................................................

..........................................................................................

(ଗ) ଲେଡ୍ ନାଇଟ୍ରେଟକୁ ଉତ୍ତପ୍ତ କଲେ କେଉଁ ରଙ୍ଗୀନ ଗ୍ୟାସ ନିର୍ଗତ ହୁଏ ?

ଉତ୍ତର :..........................................................................................

..........................................................................................

(ଘ) ସୋଡ଼ିୟମ୍ କ୍ଲୋରାଇଡ୍ ଜଳୀୟ ଦ୍ରବଣର $P^H$ର ମୂଲ୍ୟ କେତେ ?

ଉତ୍ତର :..........................................................................................

..........................................................................................

(ଙ) କାଚର ପ୍ରତିସରଣାଙ୍କ ୧.୫ ହେଲେ କାଚରେ ଆଲୋକର ବେଗ କେତେ ?

ଉତ୍ତର :..........................................................................................

..........................................................................................

୨. ଶୂନ୍ୟସ୍ଥାନ ପୂରଣ କର : ୧ X ୫ = ୫

(କ) 5D ବିଶିଷ୍ଟ ଏକ ଉତ୍ତଳ ଲେନ୍ସର ଫୋକସ୍ ଦୂରତା .................. ସେ.ମି ଅଟେ।

(ଖ) ବିଦ୍ୟୁତ ପରିପଥର ଦୁଇଟି ବିନ୍ଦୁ ମଧ୍ୟରେ ବିଭବାନ୍ତର ମାପିବା ପାଇଁ ଭୋଲ୍ଟମିଟରକୁ .................. ଭାବରେ ସଂଯୋଗ କରାଯାଏ।

(ଗ) ଆଲଡ଼ିହାଇଡ୍‌ର ସକ୍ରିୟ ଗ୍ରୁପର ସଂକେତ ........................... ଅଟେ।

(ଘ) $CaOCl_2$ର ସାଧାରଣ ନାମ ................................ ଅଟେ।

(ଙ) ୫Ω ପ୍ରତିରୋଧ ବିଶିଷ୍ଟ ଖଣ୍ଡିଏ ତାରକୁ ଟାଣି ଦୈର୍ଘ୍ୟକୁ ୨ ଗୁଣ କଲେ ତାର ପ୍ରତିରୋଧ ...................... ହେବ।

୩. ଠିକ୍ ଉକ୍ତି ପାଇଁ ( ✓ ) ଓ ଭୁଲ୍ ଉକ୍ତି ପାଇଁ ( X ) ଦିଆଯାଇଥିବା ବକ୍ସ ରେ ଲେଖ : ୧ X ୫ = ୫

(କ) ଏକ ଅବତଳ ଦର୍ପଣର ସମ୍ମୁଖରେ ବସ୍ତୁ ଅନନ୍ତ ଦୂରତାରେ ରହିଲେ ପ୍ରତିବିମ୍ବ ବକ୍ରତା କେନ୍ଦ୍ରଠାରେ ସୃଷ୍ଟି ହେବ। ☐

(ଖ) ବୈଦ୍ୟୁତିକ ମୋଟର ଯାନ୍ତ୍ରିକ ଶକ୍ତିକୁ ବିଦ୍ୟୁତ ଶକ୍ତିରେ ପରିଣତ କରେ। ☐

(ଗ) ଇଥେନରେ ୭ଟି ସହ ସଂଯୋଜ୍ୟ ବନ୍ଧ ରହିଛି। ☐

(ଘ) ଖାଦ୍ୟପଦାର୍ଥର ଜାରଣକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତିଜାରକ ବ୍ୟବହାର କରାଯାଏ। ☐

(ଙ) ପର୍ଯ୍ୟାୟ ସାରଣୀର ଦକ୍ଷିଣ ପାର୍ଶ୍ୱରେ ଅଧାତୁଗୁଡ଼ିକ ସ୍ଥାନିତ ହୋଇଥାନ୍ତି। ☐

୪. ‘‘କ’ ସ୍ତମ୍ଭ ସହ ‘ଖ’ ସ୍ତମ୍ଭ ମେଳ କର : ୧ X ୫ = ୫

| ‘କ’ ସ୍ତମ୍ଭ | ‘ଖ’ ସ୍ତମ୍ଭ |
|---|---|
| ଖାଇବା ସୋଡ଼ା | $C_6H_{12}O_6$ |
| ଫ୍ଲେମିଙ୍ଗ ଦକ୍ଷିଣ ହସ୍ତ ନିୟମ | ତୃପ୍ତ ହାଇଡ୍ରୋକାର୍ବନ |
| ଗ୍ଲୁକୋଜ | ଡାଇନାମୋ |
| ଫ୍ଲେମିଙ୍ଗଙ୍କ ବାମହସ୍ତ ନିୟମ | $NaHCO_3$ |
| $C_2H_6$ | ମୋଟର୍ |

୫. ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ବାକ୍ୟରେ ଦର୍ଶାଅ : ୧ X ୫ = ୫

(କ) ପ୍ଲାଷ୍ଟର୍ ଅଫ୍ ପ୍ୟାରିସ୍‌କୁ ଏକ ଆର୍ଦ୍ରତା ପ୍ରତିରୋଧ ପାତ୍ରରେ କାହିଁକି ରଖାଯାଏ ?

ଉତ୍ତର :..........................................................................................

..........................................................................................

(ଖ) ଏମ୍ଫୋଟେରିକ ଅକ୍‌ସାଇଡ୍ କାହାକୁ କୁହାଯାଏ ?

ଉତ୍ତର :..........................................................................................

..........................................................................................

(ଗ) ଲୌହ ନିର୍ମିତ ପଦାର୍ଥଗୁଡ଼ିକ ଉପରେ ରଙ୍ଗର ପ୍ରଲେପ କାହିଁକି ଦିଆଯାଏ ?

ଉତ୍ତର :..........................................................................................

..........................................................................................

(ଘ) ସଳଖ ବିଦ୍ୟୁତ ପ୍ରବାହ କାହାକୁ କୁହାଯାଏ ?

ଉତ୍ତର :.......................................................................................................

.......................................................................................................

(ଙ) ଆଲୋକ ଗୋଟିଏ ଘନ ମାଧ୍ୟମରୁ ଲଘୁ ମାଧ୍ୟମକୁ ଗତି କଲେ ତାର ବେଗରେ କି ପରିବର୍ତ୍ତନ ହୁଏ ?

ଉତ୍ତର :.......................................................................................................

.......................................................................................................

## LIFE SCIENCE

୬. ଶୂନ୍ୟସ୍ଥାନ ପୂରଣ କର : ୧ X ୫ = ୫

(କ) ମଲାଙ୍ଗ ଓ ନିର୍ମୂଳୀ .................... ପ୍ରକାରର ପରଭୋଜୀ ଉଦ୍ଭିଦ ଅଟନ୍ତି ।

(ଖ) ବକ୍ଷଗହ୍ୱର ଓ ଉଦରଗହ୍ୱରକୁ ପୃଥକ୍ କରୁଥିବା ପେଶୀୟ ପଟ୍ଟକୁ ................ କୁହାଯାଏ ।

(ଗ) ମେରୁଦଣ୍ଡୀଙ୍କର ...................... ଅଙ୍ଗରେ ୟୁରିଆ ପ୍ରସ୍ତୁତ ହୁଏ ।

(ଘ) ଗୋବର ଗ୍ୟାସରେ ........................ ମୁଖ୍ୟ ଉପାଦାନ ଅଟେ ।

(ଙ) ଲୌହ ଏକ ...................... ପୋଷକ ।

୭. ଗୋଟିଏ ଶବ୍ଦରେ ଉତ୍ତର ଦିଅ : ୧ X ୫ = ୫

(କ) ଟାନ୍ସ୍‌ଲେ ୧୯୩୫ ମସିହାରେ କେଉଁ ଶବ୍ଦର ପ୍ରଚଳନ କରିଥିଲେ ?

ଉତ୍ତର :.......................................................................................................

.......................................................................................................

(ଖ) ଡାଇନୋସର୍ କେଉଁ ମହାଯୁଗରେ ପ୍ରଭାବ ବିସ୍ତାର କରିଥିଲେ ?

ଉତ୍ତର :.......................................................................................................

.......................................................................................................

(ଗ) କେଉଁ ବର୍ଣ୍ଣକଣାର ଉପସ୍ଥିତି ଯୋଗୁଁ ମୂତ୍ର ହଳଦିଆ ହୁଏ ?

ଉତ୍ତର :.......................................................................................................

.......................................................................................................

(ଘ) ଅନୁକୂଳ ପରିବେଶରେ ଏମିବା କେଉଁ ପ୍ରକ୍ରିୟାରେ ବଂଶ ବିସ୍ତାର କରେ ?

ଉତ୍ତର :.......................................................................................................

.......................................................................................................

(ଙ) ଲାଜକୁଳୀ ଲତାର ସ୍ପର୍ଶଜନିତ ଉଦ୍ଦୀପନାକୁ କଣ କୁହାଯାଏ ?

ଉତ୍ତର :.................................................................................................

.................................................................................................

୮. ଗୋଟିଏ ବାକ୍ୟରେ ଉତ୍ତର ଦିଅ : ୧ X ୫ = ୫

(କ) ସଂବାତନ କଣ ?

ଉତ୍ତର :.................................................................................................

.................................................................................................

(ଖ) ଉସ୍ବେଦନ କଣ ?

ଉତ୍ତର :.................................................................................................

.................................................................................................

(ଗ) ଅବଶେଷାଙ୍ଗ କାହାକୁ କୁହାଯାଏ ?

ଉତ୍ତର :.................................................................................................

.................................................................................................

(ଘ) ପରପରାଗଣ କାହାକୁ କୁହାଯାଏ ?

ଉତ୍ତର :.................................................................................................

.................................................................................................

(ଙ) ଜୈବବିବିଧତା କଣ ?

ଉତ୍ତର :.................................................................................................

.................................................................................................

୯. ‘କ’ ସ୍ତମ୍ଭରେ ପ୍ରଥମ ଯୋଡାର ସମ୍ପର୍କ କୁ ଲକ୍ଷ କରି ‘ଖ’ ସ୍ତମ୍ଭରେ ଦ୍ୱିତୀୟଟିରେ ଶୂନ୍ୟସ୍ଥାନ ପୂରଣ କର : ୧ X ୫ = ୫

| ‘କ’ ସ୍ତମ୍ଭ | ‘ଖ’ ସ୍ତମ୍ଭ |
|---|---|
| ଶକ୍ତିକେନ୍ଦ୍ର : ମାଇଟୋକଣ୍ଡ୍ରିଆ | ଶକ୍ତିମୁଦ୍ରା : ........................ |
| ଝିଣ୍ଟିକା : ମାଲପିଝିଆନ୍ ନଳୀକା | ଚେପ୍ଟାକୃମି : ...................... |
| ଥାଇରକ୍ସିନ୍ : ଥାଇରଏଡ୍ ଗ୍ରନ୍ଥି | ମେଲାଟୋନିନ୍ : ................... |
| ଆଣ୍ଟିଜେନ୍ : ଲୋହିତ ରକ୍ତ କଣିକା ଆବରଣ | ଆଣ୍ଟିବଡ଼ି : ....................... |
| ମେଣ୍ଡେଲ : ବଂଶଗତି | ଜୋହାନ୍‌ସନ୍ : ...................... |

୧୦. ଠିକ୍ ଉକ୍ତି ପାଇଁ ( ✔ ) ଓ ଭୁଲ୍ ଉକ୍ତି ପାଇଁ ( X ) ଦିଆଯାଇଥିବା ବକ୍ସ ରେ ସୂଚାଅ    ୧ X ୫=୫

(କ) ଓଡ଼ିଶାରେ ଏକ ଜାତୀୟ ଉଦ୍ୟାନର ଉଦାହରଣ ଚିଲିକା ଅଟେ।

(ଖ) ସିନ୍‌କୋନା ଗଛର କୁଇନାଇନ୍ ଏକ ଉପକ୍ଷାର ଅଟେ।

(ଗ) ଇନ୍‌ସୁଲିନ୍ ହରମୋନ୍ ରକ୍ତରେ ପୁଷ୍ଟିସାର ପରିମାଣକୁ ସ୍ଥିର ରଖେ।

(ଘ) ମଟର ଗଛରେ ୭ ଯୋଡ଼ା ବିକଳ୍ପୀ ଗୁଣ ମେଣ୍ଡେଲ ଚିହ୍ନଟ କରିଥିଲେ।

(ଙ) ହୃତ୍‌ପିଣ୍ଡରେ ଦକ୍ଷିଣ ଅଳିନ୍ଦ ଓ ଦକ୍ଷିଣ ନିଳୟ ମଧ୍ୟରେ ତିନି ପାଖୁଡ଼ା ବିଶିଷ୍ଟ କପାଟିକା ରହିଛି।